## ଗ୍ରାମୀଣ କୃଷି ମୌସମ ସେବା
## ଭାରତ ପାଣିପାଗ ବିଭାଗ
## ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
## ଆଞ୍ଚଳିକ ଗବେଷଣା ଓ ବୈଷୟିକ ପ୍ରସାରଣ କେନ୍ଦ୍ର, ଚିପିଲିମା

ସଂଖ୍ୟା - ୭୩ (ଓଡ଼ିଆ ବୁଲେଟିନ) ସପ୍ତାହ - ୩୭ ତାରିଖ: ୧୨.୦୯.୨୦୨୫

# ଜିଲ୍ଲା – ବରଗଡ଼

## ପର୍ଯ୍ୟବେକ୍ଷଣ କେନ୍ଦ୍ରରେ ୦୬.୦୯.୨୦୨୫ ରୁ ୧୨.୦୯.୨୦୨୫ ମଧ୍ୟରେ ରେକର୍ଡ କରାଯାଇଥିବା ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଏବଂ ଜିଲ୍ଲାର ହାରାହାରି ବର୍ଷାପାତ

| | ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେ.) | | | | | | | ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେ.) | | | | | | | ବୃଷ୍ଟିପାତ (ମିଲି ମିଟର) | | | | | | |
|---|---|---|---|---|---|---|---|---|---|---|---|---|---|---|---|---|---|---|---|---|---|
| ତାରିଖ | ୦୬ | ୦୭ | ୦୮ | ୦୯ | ୧୦ | ୧୧ | ୧୨ | ୦୬ | ୦୭ | ୦୮ | ୦୯ | ୧୦ | ୧୧ | ୧୨ | ୦୬ | ୦୭ | ୦୮ | ୦୯ | ୧୦ | ୧୧ | ୧୨ |
| ବରଗଡ଼ | 30 | 32 | 32 | 32 | 34 | 34 | 34 | 25 | 26 | 26 | 26 | 26 | 26 | 25 | 5 | 3 | 11 | 4 | 0 | 1 | 7 |

## ଆସନ୍ତା ପାଞ୍ଚ ଦିନର ପାଣିପାଗ ପୂର୍ବାନୁମାନ

| ପାଣିପାଗ କାରକ | ୧୩-୦୯-୨୦୨୫ | ୧୪-୦୯-୨୦୨୫ | ୧୫-୦୯-୨୦୨୫ | ୧୬-୦୯-୨୦୨୫ | ୧୭-୦୯-୨୦୨୫ |
|---|---|---|---|---|---|
| ବୃଷ୍ଟିପାତ (ମିଲି ମିଟର) | 10 | 8 | 10 | 9 | 8 |
| ସର୍ବାଧିକ ତାପମାତ୍ରା (º ସେଣ୍ଟିଗ୍ରେଡ) | 34 | 34 | 33 | 33 | 33 |
| ସର୍ବନିମ୍ନ ତାପମାତ୍ରା (º ସେଣ୍ଟିଗ୍ରେଡ) | 25 | 25 | 24 | 24 | 24 |
| ମେଘ ଆବରଣ (ଓକଟା) | 5 | 5 | 5 | 5 | 5 |
| ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 92 | 93 | 93 | 93 | 93 |
| ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ଶତକଡା %) | 65 | 66 | 66 | 71 | 71 |
| ପବନର ବେଗ (କିମି/ଘଣ୍ଟା ପ୍ରତି) | 2 | 5 | 3 | 4 | 6 |
| ପବନର ଦିଗ (ଡିଗ୍ରୀ) | 72 | 104 | 166 | 190 | 207 |

ଅଧିକ ଜାଣିବା ପାଇଁ, ଭାରତୀୟ ପାଣିପାଗ ବିଭାଗ, ଭୁବନେଶ୍ୱର, ଟେଲିଫୋନ# ୦୬୭୪-୨୫୯୬୧୧୬ରେ ଯୋଗାଯୋଗ କରନ୍ତୁ

## ପାଣିପାଗ ସାରାଂଶ/ସତର୍କ ସୂଚନା :

ଭାରତ ପାଣିପାଗ ବିଜ୍ଞାନ ବିଭାଗ, ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱରର ମଧ୍ୟମ ଅବଧି ପୂର୍ବାନୁମାନ ଅନୁଯାୟୀ, ଆଗାମୀ ସପ୍ତାହରେ କିଛିଟା ସ୍ଥାନରେ ବିଜୁଳି ଘଡ଼ଘଡ଼ି ସହ ହାଲୁକା ବର୍ଷା ହେବାର ସମ୍ଭାବନା ଦେଖାଯାଇପାରେ ଏବଂ ଏହି ସମୟ ଅବଧିରେ ସାଧାରଣତଃ ମେଘାଚ୍ଛନ୍ନ ରହିପାରେ । ଆସନ୍ତା ସପ୍ତାହରେ ସର୍ବାଧିକ (ଦିନର) ଓ ସର୍ବନିମ୍ନ ତାପମାତ୍ରାରେ କୌଣସି ବିଶେଷ ପରିବର୍ତ୍ତନର ସମ୍ଭାବନା ନାହିଁ । ଆସନ୍ତା ୫ ଦିନ ମଧ୍ୟରେ ଆର୍ଦ୍ରତା ଅଧିକ ରହିବା ସହିତ ୨ ରୁ ୬ କି.ମି. ପ୍ରତି ଘଣ୍ଟା ବେଗରେ ଉତ୍ତର-ପୂର୍ବ, ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମ ଦିଗରୁ ପବନ ବହିବାର ସମ୍ଭାବନା ବନିପାରେ ।

## ସାଧାରଣ ଉପଦେଶ

- ମୌସମ ବିଜ୍ଞାନ କେନ୍ଦ୍ର, ଭୁବନେଶ୍ୱର ଦ୍ୱାରା ତାରିଖ:-୧୧.୦୯.୨୦୨୫ ଦିନ ଜାରି କରାଯାଇଥିବା ବିସ୍ତାରିତ ପାଣିପାଗ ପୂର୍ବାନୁମାନ ଅନୁଯାୟୀ, ପ୍ରଥମ ସପ୍ତାହ (୧୨ ରୁ ୧୮ ସେପ୍ଟେମ୍ବର, ୨୦୨୫) ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବିକ୍ଷିପ୍ତ ରୁ ବ୍ୟାପକ ବର୍ଷା/ବଜ୍ରପାତ ହେବାର ସମ୍ଭାବନା ଦେଖାଯାଇପାରେ । ଦ୍ୱିତୀୟ ସପ୍ତାହ (୧୯ ରୁ ୨୫ ସେପ୍ଟେମ୍ବର, ୨୦୨୫) ମଧ୍ୟରେ ଓଡ଼ିଶାର ଜିଲ୍ଲାଗୁଡ଼ିକରେ ବିଚ୍ଛିନ୍ନ ଭାବରେ ବର୍ଷା/ଘଡ଼ଘଡ଼ି ବା ବଜ୍ରପାତ ହେବାର ସମ୍ଭାବନା ଅଧିକ ଏବଂ ଏହି ସପ୍ତାହର ପ୍ରଥମାର୍ଦ୍ଧରେ ପଶ୍ଚିମ କେନ୍ଦ୍ରୀୟ ଏବଂ ସଂଲଗ୍ନ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଏକ ନୂତନ ଉପର ବାୟୁ ଘୂର୍ଣ୍ଣିବଳୟ/ନିମ୍ନ ଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଅଛି ।

- ଉପରୋକ୍ତ ପାଣିପାଗର ସ୍ଥିତିକୁ ଦୃଷ୍ଟିରେ ରଖି ଚାଷୀଭାଇମାନଙ୍କୁ ସିଞ୍ଚନ, ଜଳସେଚନ, କୋଡା ଖୋସା ଇତ୍ୟାଦି କୃଷି କାର୍ଯ୍ୟକଳାପ କରିବା ସମୟରେ ଉପଯୁକ୍ତ ସତର୍କତା ଅବଲମ୍ବନ କରିବାକୁ ତଥା ସତର୍କ ଚେତାବନୀ ଦିଆଯାଇଥିବା ଅବଧି ସମୟରେ ପଶୁମାନଙ୍କୁ ସୁରକ୍ଷିତ ସ୍ଥାନରେ ରଖିବାକୁ ପରାମର୍ଶ ଦିଆଯାଇଅଛି । ବିଭିନ୍ନ ଫସଲରେ ଶୋଷକ କୀଟ, ଫଳ ମାଛି, ଫଳ ବିନ୍ଧା ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।
- ଚାଷୀଭାଇମାନେ ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ ଓ ସ୍ଥାନ ନିର୍ଦ୍ଦିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ ।

## ସଂକ୍ଷିପ୍ତ ଉପଦେଶ

- ଆଗାମୀ ଦିନରେ ଜିଲ୍ଲାରେ ହାଲୁକା ରୁ ମଧ୍ୟମ ବର୍ଷା କିମ୍ବା ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ଥିବାରୁ, ଚାଷୀଭାଇମାନେ ଅତି ଜରୁରି ନ ଥିଲେ ଜଳସେଚନ ତଥା ସିଞ୍ଚନ କାର୍ଯ୍ୟ ପାଇଁ କିଛି ଦିନ ଅପେକ୍ଷା କରନ୍ତୁ ଏବଂ ଘର ଭିତରେ ସୁରକ୍ଷିତ ରୁହନ୍ତୁ ।

## ପାଣିପାଗ ଭିତ୍ତିକ କୃଷି ଏବଂ ପଶୁପାଳନ ଉପଦେଶ

| ଫସଲର ନାମ | ଫସଲ ଅବସ୍ଥା | କୃଷି ଏବଂ ପଶୁପାଳନ ପାଇଁ ପାଣିପାଗ ଭିତ୍ତିକ ପରାମର୍ଶ |
|---|---|---|
| ବର୍ଷା ଦିନିଆ ଧାନ | ସକ୍ରିୟ ପିଲ ଅବସ୍ଥା/ କେଣ୍ଡା ବାହାରିବା ଅବସ୍ଥା | • ଯଦି ବିଜାଣୁ ଜନିତ ପତ୍ର ପୋଡ଼ା କିମ୍ବା ପତ୍ରାଗାର ରୋଗର ଲକ୍ଷଣ ଦେଖାଯାଏ, ତେବେ ଏହାର ନିୟନ୍ତ୍ରଣ ହେତୁ ୧ ଗ୍ରାମ କପର ଅକ୍ସିକ୍ଲୋରାଇଡ୍ ସହିତ ୧ ଗ୍ରାମ ପ୍ଲାଣ୍ଟୋମାଇସିନ୍ କୁ ପ୍ରତି ଲିଟର ପାଣିରେ ମିଶାଇ ଶୁଷ୍କ ପାଗକୁ ଦେଖି ଖେତରେ ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଧାନ କ୍ଷେତରେ କାଣ୍ଡବିନ୍ଧା ଓ ପତ୍ର ମୋଡା ପୋକର ପ୍ରାଦୁର୍ଭାବ ନିରୀକ୍ଷଣ ପାଇଁ ପ୍ରତି ଏକର ଧାନ କ୍ଷେତରେ ୩ ଟି ଫେରୋମୋନ ଫାଶ/ ଯନ୍ତା ରଖନ୍ତୁ । ଯେତେବେଳେ ପୁରୁଷ ପୋକ/ଫାଶ/ଯନ୍ତା ଙ୍କ ସଂଖ୍ୟା ୪ କିମ୍ବା ୫ ପର୍ଯ୍ୟନ୍ତ ପହଞ୍ଚିଯିବ, ସେତେବେଳେ ଏକର ପିଛା ଆଜାଡିରାକ୍ଟିନ୍ ୦.୧୫% ଇ.ସି. @ ୮୦୦ ମିଲି କିମ୍ବା କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୦.୪% ଜି.ଆର. @ ୪ କିଲୋଗ୍ରାମକୁ ବାଲି ସହିତ ୧:୧ ଅନୁପାତରେ ମିଶ୍ରଣ କରନ୍ତୁ କିମ୍ବା ୬୦ ମିଲି କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ % ଏସ୍.ସି. କିମ୍ବା ୧୦ କିଲୋଗ୍ରାମ କାର୍ଟାପ୍ ହାଇଡ୍ରୋକ୍ଲୋରାଇଡ୍ ୪ ଜି. କିମ୍ବା ୧୦୦ - ୧୨୦ ମିଲି ଟେଟ୍ରାନିଲିପ୍ରୋଲ ୨୦୦ ଏସ୍.ସି. କିମ୍ବା ଫ୍ଲୁବେଣ୍ଡିଆମାଇଡ୍ ୨୦ ଡବ୍ଲୁ.ଜି. @ ୫୦ ଗ୍ରାମ କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ ।<br>• ଚାଷୀଭାଇମାନେ ସିଞ୍ଚନ ସମୟରେ ଉପଯୁକ୍ତ ଯତ୍ନ ନେବା ଉଚିତ କିମ୍ବା ଯଦି ଅତି ଜରୁରି ନ ଥାଏ ତେବେ କିଛି ଦିନ ଅପେକ୍ଷା କରିବା ଉଚିତ କାରଣ ଆଗାମୀ ଦିନରେ କିଛି ପରିମାଣର ବର୍ଷା ହେବାର ସମ୍ଭାବନା ଅଛି । |
| ମକା | ଅଂଗିୟ ଅବସ୍ଥା/ ଫୁଲ ଅବସ୍ଥା | • ଯଦି ମକା କ୍ଷେତରେ କାଣ୍ଡବିନ୍ଧା ଓ ଫଲ ଆର୍ମି ୱର୍ମ ପୋକର ଆକ୍ରମଣ ଦେଖାଦିଏ, ତେବେ ଏହି ପୋକକୁ ନିୟନ୍ତ୍ରଣ କରିବା ପାଇଁ ଚାଷୀମାନଙ୍କୁ ପ୍ରତି ଲିଟର ପାଣିରେ କ୍ଲୋରାଣ୍ଟ୍ରାନିଲିପ୍ରୋଲ୍ ୧୮.୫ ଏସ୍.ସି. @ ୦.୪ ମିଲି କିମ୍ବା ଇମାମେକ୍ଟିନ୍ ବେଞ୍ଜୋଏଟ୍ ୫ % ଏସ୍.ଜି. @ ୦.୪ ଗ୍ରାମକୁ ଭଲ ଭାବରେ ମିଶାଇ ଶୁଷ୍କ ପାଗରେ କ୍ଷେତରେ ସିଞ୍ଚନ କରନ୍ତୁ କିମ୍ବା କିଛି ଦିନ ଅପେକ୍ଷା କରନ୍ତୁ । |
| କଦଳୀ | ଅଂଗିୟ ଅବସ୍ଥା (ନୂଆଁ ବଗିଚା) | • କିଛି ନୂତନ କଦଳୀ ବଗିଚାରେ ପୂର୍ବ ଦିନଗୁଡ଼ିକରେ ହୋଇଥିବା ଜଳ ଜମା ଅବସ୍ଥା ଯୋଗୁଁ, କିଛି ଗଛରେ ମୂଳ ପଚା ରୋଗ ଦେଖାଯାଇପାରେ, ତେଣୁ ଏହାର ନିୟମିତ ନିରୀକ୍ଷଣ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ଆଗାମୀ ଦିନରେ ବର୍ଷା ହେବାର ସମ୍ଭାବନାକୁ ଦେଖି, ଖେତରୁ ଅଧିକ ଜଳର ନିଷ୍କାସନ ପାଇଁ ସୁବିଧା କରନ୍ତୁ । |
| ପନିପରିବା ଚାଷ | ଅଂଗିୟ ଅବସ୍ଥା / ଫୁଲ ଓ ଫଳ ଅବସ୍ଥା | • ପ୍ରଚଳିତ ପାଗ ଯୋଗୁଁ ଆଗାମୀ ଦିନରେ କବକ ଜନିତ ରୋଗ ଆକ୍ରମଣର ସମ୍ଭାବନା ବୃଦ୍ଧି ହୋଇପାରେ, ତେଣୁ ଏହାର ନିୟମିତ ତଦାରଖ କରିବାକୁ ପରାମର୍ଶ ଦିଆଯାଇଅଛି ।<br>• ପନିପରିବା ଖେତରେ ଫଳ ମାଛି, ଫଳ ବିନ୍ଧା ଏବଂ ଫଳ ଓ କାଣ୍ଡ ବିନ୍ଧା ପୋକର ଆକ୍ରମଣ ପ୍ରତି ସତର୍କ ରୁହନ୍ତୁ ।<br>• ବିଭିନ୍ନ ପ୍ରକାର ଶୋଷକ କୀଟ ଯେପରିକି ଜଉ ପୋକ, ଉକୁଣୀଆ ପୋକ ଇତ୍ୟାଦିର ନିୟନ୍ତ୍ରଣ ହେତୁ ପ୍ରତି ଲିଟର ପାଣିରେ ଇମିଡାକ୍ଲୋପ୍ରିଡ୍ ୧୭.୮ ଏସ୍.ଏଲ. @ ୦.୩ ମିଲି କିମ୍ବା ଫିପ୍ରୋନିଲ୍ ୫ ଏସ୍.ସି. @ ୩ ମିଲିକୁ ମିଶାଇ ପାଗ ସଫା ଥିବା ସମୟରେ ସିଞ୍ଚନ କରନ୍ତୁ । |
| ଗୋରୁ ଗାଈ ଓ | • ଆସନ୍ତା ସପ୍ତାହରେ ବିଜୁଳି ଘଡ଼ଘଡି ସହ ବର୍ଷା ହେବାର ସମ୍ଭାବନାକୁ ଧ୍ୟାନରେ ରଖି ପଶୁମାନଙ୍କୁ କୌଣସି ପ୍ରକାରର ବୈଦ୍ୟୁତିକ ଉପକରଣଠାରୁ ଦୂରେଇ ରଖନ୍ତୁ ଏବଂ ବାହାରେ ଖୋଲାରେ ନ ବାନ୍ଧି ସୁରକ୍ଷିତ ଆଶ୍ରୟରେ ରଖନ୍ତୁ । ବର୍ଷା ଜଳ ସିଧାସଳଖ ଗୁହାଳ ଭିତରକୁ ନ ପଶିବା ପାଇଁ | |

| | |
|---|---|
| ମଇଷି | ଉଚିତ ବ୍ୟବସ୍ଥା କରନ୍ତୁ ।<br>• ପଶୁମାନଙ୍କୁ ମଶା, ମାଛି ଓ ବିଭିନ୍ନ ଅଣୁଜୀବଙ୍କ କବଳରୁ ରକ୍ଷା କରିବା ହେତୁ ଗୁହାଳକୁ ସବୁବେଳେ ସୁଖା ଓ ସଫା ରଖନ୍ତୁ ଏବଂ ସ୍ତନହରା ଓ ଫାଟୁଆ ରୋଗର ଆକ୍ରମଣ ପ୍ରତି ସାବଧାନ ରୁହନ୍ତୁ । |
| କୁକୁଡ଼ା | • କୁକୁଡ଼ାମାନଙ୍କ କ୍ଷେତ୍ରରେ ବର୍ଷାଦିନେ ସାଧାରଣତଃ ଶ୍ବାସ ଜନିତ ରୋଗ, ଝାଡାରୋଗ ଓ ଆନ୍ତ୍ରିକ ରୋଗ ଦେଖିବାକୁ ମିଳିପାରେ । କୁକୁଡ଼ା ଚାଷୀ ମାନେ ଘୁମା ରୋଗର ଆକ୍ରମଣ ପ୍ରତି ମଧ୍ୟ ସତର୍କ ରୁହନ୍ତୁ ଏବଂ ଏହାର ନିୟମିତ ନିରୀକ୍ଷଣ କରୁଥାଆନ୍ତୁ । ବର୍ଷାଦିନେ ପାନୀୟ ଜଳ ଦୂଷିତ ହେଉଥିବା ଯୋଗୁଁ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା ନିହାତି କରିବା ଦରକାର ।<br>• କୁକୁଡ଼ା ଘରକୁ ବାୟୁ ଚଳପ୍ରଚଳର ସୁବିଧା ସହିତ ବର୍ଷା ଜଳ ଘର ଭିତରକୁ ସିଧା ନ ପଶିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରିନିଅନ୍ତୁ । |



| | |
|---|---|
| **Ms. Jubuli Sahu<br>Junior Agrometeorologist,<br>AMFU, RRTTS, Chiplima** | **Dr. Sanjukta Mohapatra<br>ADR cum Nodal Officer<br>RRTTS, Chiplima** |



---

- କୃଷି ରେ ଉତ୍ତମ ଲାଭ ପାଇଁ, **OUAT KALINGA** ପ୍ରଡକ୍ଟସ (ବିହନ, ଚାରା ରୋପଣ ଓ କ୍ୟୁପିଏମ୍, ଟିସୁ କଲଚର ପ୍ଲାଣ୍ଟ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ମହୁମାଛି ଓ ସ୍କୋନ୍, ଜୈବ ସାର, ଜୈବ କୀଟନାଶକ, ଜିଆ ଏବଂ ଜିଆ ଖତ ଇତ୍ୟାଦି) ବ୍ୟବହାର କରନ୍ତୁ ।
- ଭାରତ ପାଣିପାଗ ବିଭାଗର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ପାଇଁ ମେଘଦୂତ ମୋବାଇଲ ଆପ (https://play.gooogle.com/store/apps/details?id=com.aas.meghdoot) ତଥା ନିଜ ଅଞ୍ଚଳର ବିଜୁଳି କିମ୍ବା ବଜ୍ରପାତ ପୂର୍ବାନୁମାନ ପାଇଁ ଦାମିନୀ ଆପ (https://play.google.com/store/apps/details?id=com.lightening.live.damini) ଓ ସ୍ଥାନ ନିର୍ଧିଷ୍ଟ ପୂର୍ବାନୁମାନ ଏବଂ ଚେତାବନୀ ପାଇଁ ମୌସମ ଆପ ର ବ୍ୟବହାର କରିପାରିବେ।